ପାଠ-୬

# ଭାରତର ବୁଲ୍‌ବୁଲ୍

## WORKSHEET

୧. ଅପଠିତାଂଶଟିକୁ ପଢ଼ି ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ।

ଆମ ସଂସ୍କୃତିରେ ପର୍ବପର୍ବାଣୀ ପାଳନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବ୍ୟସ୍ତ, କର୍ମକ୍ଳାନ୍ତ ଜୀବନକୁ ସରସ, ସୁନ୍ଦର ଓ ସୁଖମୟ କରିବା। ଓଡ଼ିଶାର ଜନଜୀବନ, ସମାଜ ଓ ସଂସ୍କୃତି ଅତି ମହାନ୍। ଧର୍ମ, ନୀତି ଓ ଚଳଣିରେ ବିଭେଦ ରହିଥିଲେ ମଧ୍ୟ ଓଡ଼ିଶାବାସୀ ବିଭିନ୍ନ ପର୍ବପର୍ବାଣୀକୁ ଆନନ୍ଦରେ ପାଳନ କରନ୍ତି। ଓଡ଼ିଶାର ପ୍ରତ୍ୟେକ ବ୍ୟକ୍ତି ଧର୍ମସଚେତନ। ପର୍ବପର୍ବାଣୀ ପାଳନ ଦ୍ୱାରା ଜୀବନ ହୁଏ ସରସ ଓ ମଧୁମୟ।

କ) ଆମେ କାହିଁକି ପର୍ବପର୍ବାଣୀ ପାଳନ କରୁ?

ଉ: ଆମ ସଂସ୍କୃତିରେ ପର୍ବପର୍ବାଣୀ ବ୍ୟସ୍ତ, କର୍ମକ୍ଳାନ୍ତ ଜୀବନକୁ ସରସ, ସୁନ୍ଦର ଓ ସୁଖମୟ କରିବା

ଖ) କାହାର ସଂସ୍କୃତି ଅତିବ ମହାନ୍?

ଉ: ଓଡ଼ିଶାର ଜନଜୀବନ, ସମାଜ ଓ ସଂସ୍କୃତି ଅତି ମହାନ୍।

ଗ) ବିଭିନ୍ନ ପର୍ବ-ପର୍ବାଣୀକୁ ସେମାନେ କିପରି ପାଳନ କରନ୍ତି?

ଉ: ଧର୍ମ, ନୀତି ଓ ଚଳଣିରେ ବିଭେଦ ଥିଲେ ମଧ୍ୟ ଆନନ୍ଦରେ ପାଳନ କରନ୍ତି।

ଘ) ପର୍ବପର୍ବାଣୀ ପାଳନ ଦ୍ୱାରା ଜୀବନ କ'ଣ ହୁଏ?

ଉ: ପର୍ବପର୍ବାଣୀ ପାଳନ ଦ୍ୱାରା ଜୀବନ ହୁଏ ସରସ ଓ ମଧୁମୟ।

ଙ) 'ସରସ'ର ବିପରୀତ ଶବ୍ଦ କ'ଣ?

ଉ: ଅସରସ

୨. ଶୂନ୍ୟସ୍ଥାନ ପୂରଣ କର।

କ) ସରୋଜିନୀ ନାଇଡୁଙ୍କୁ ପ୍ରାଚ୍ୟ ଜଗତର ବୁଲ୍‌ବୁଲ୍ କୁହାଯାଏ।

ଖ) ୧୮୭୯ ମସିହାରେ ସରୋଜିନୀ ଜନ୍ମଗ୍ରହଣ କରିଥିଲେ।

ଗ) ଭାରତର ବୁଲ୍‌ବୁଲ୍ କହିଲେ ଆମେ ସରୋଜିନୀ ନାଇଡୁଙ୍କୁ ଜାଣୁ।

ଘ) କବିତା ଲେଖିବା ସହ ତାଙ୍କୁ ସେ ପାଠପଢ଼ିବା ମଧ୍ୟ କରୁଥିଲେ।

ଙ) ୧୯୪୯ ମସିହା ମାର୍ଚ୍ଚ ୨ ତାରିଖରେ ସେ ମୃତ୍ୟୁବରଣ କରଲେ।

୩. ବିଷୟବସ୍ତୁ ସମ୍ପର୍କିତ ପ୍ରଶ୍ନୋତ୍ତର।

''ତୁଳସୀ ଦୁଇପତ୍ରରୁ ବାସିଲା ପରି ତାଙ୍କର ପ୍ରତିଭା ବାଲ୍ୟକାଳରୁ ଫୁଟି ଉଠୁଥିଲା।''

କ) ଏହି ବାକ୍ୟଟି କେଉଁ ବିଷୟରୁ ଆସିଅଛି ?

ଉ: ଏହି ବାକ୍ୟଟି ବିଷୟରୁ ବୁଲ୍‌ବୁଲ୍ ରୁ ଆସିଅଛି।

ଖ) କାହାର ପ୍ରତିଭା ବାଲ୍ୟକାଳରୁ ଫୁଟି ଉଠିଥିଲା ?

ଉ: ତୁଳସୀ ଦୁଇପତ୍ରରୁ ବାସିଲା ପରି ସରୋଜିନୀ ନାଇଡୁ ବାଲ୍ୟକାଳରୁ ଫୁଟି ଉଠୁଥିଲା

ଗ) ଏହି ବିଷୟଟିର ଲେଖକ କିଏ ?

ଉ: ଏହି ବିଷୟଟିର ଲେଖକ ଭଗବାନ ମହାନ୍ତି।

୪. ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ।

କ) କ'ଣ କରିବାକୁ ବାଧ କରି ବାପା ସରୋଜିନୀଙ୍କୁ ପିଲାବେଳେ ଏକ କୋଠରୀରେ ବନ୍ଦ କରି ଦେଇଥିଲେ ?

ଉ: ସରୋଜିନୀ ନାଇଡୁଙ୍କୁ ବାପା ଅଙ୍କ କଷିବା ପାଇଁ ବାଧ୍ୟ କରି କୋଠରୀରେ ତାଙ୍କୁ ବନ୍ଦ କରି ଦେଇଥିଲେ

ଖ) ସରୋଜିନୀ ନାଇଡୁ ଏକାଧାରରେ କ'ଣ ଥିଲେ ?

ଉ: ସରୋଜିନୀ ନାଇଡୁ ଏକାଧାରରେ କବି ଲେଖିକା ଓ ଭଲ ଗାୟିକା ଥିଲେ

ଗ) କ'ଣ ତାଙ୍କ ହୃଦୟରେ ଗଭୀର ଦୁଃଖ ଆଣିଥିଲା ?

ଉ:

ଘ) କାହାର ନୀତି, ଆଦର୍ଶ ଓ ସରଳତା ତାଙ୍କୁ ପ୍ରଭାବିତ କରିଥିଲା ?

ଉ: ମହାତ୍ମା ଗାନ୍ଧିଙ୍କର ନୀତି ଆଦର୍ଶ ଓ ସରଳତା ତାଙ୍କୁ ପ୍ରଭାବିତ କରିଥିଲା।

୫. ତଳେ ଦିଆଯାଇଥିବା ଶବ୍ଦକୁ ନେଇ ବାକ୍ୟଗଠନ କର।

ଦକ୍ଷତା - ସରୋଜିନୀ ନାଇଡୁଙ୍କର କବିତା ଲେଖିବାରେ ଦକ୍ଷତା ଥିଲା

ପ୍ରତିଭା - ସରୋଜିନୀ ନାଇଡୁଙ୍କ ଗୀତଗାଇବାରେ ପ୍ରତିଭା ଥିଲା।

ମୁଗ୍ଧ - ବାପା ସରୋଜିନୀ ନାଇଡୁଙ୍କ କବିତ ଲେଖା ଦେଖି ବାପା ମୁଗ୍ଧ ହେଲେ।

♦♦♦